# Telephone Conversation between Prime Minister and President of Sri Lanka

May 23, 2020

---

# ପ୍ରଧାନମନ୍ତ୍ରୀ ଏବଂ ଶ୍ରୀଲଙ୍କାର ରାଷ୍ଟ୍ରପତିଙ୍କ ମଧ୍ୟରେ ଟେଲିଫୋନ୍ ରେ କଥାବାର୍ତ୍ତା

ମଇ 23, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଶ୍ରୀଲଙ୍କାର ରାଷ୍ଟ୍ରପତି ମାନ୍ୟବର ଗୋଟାବାୟା ରାଜପକ୍ଷଙ୍କ ସହିତ ସେହି ଅଞ୍ଚଳରେ ବିସ୍ତାର ହୋଇଥିବା Covid-19 ମହାମାରୀ ଏବଂ ଏହାର ସମ୍ଭାବିତ ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ପ୍ରଭାବ ବିଷୟରେ ଟେଲିଫୋନ୍ ରେ କଥାବାର୍ତ୍ତା
କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କାର ରାଷ୍ଟ୍ରପତିଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ମହାମାରୀର ପ୍ରଭାବକୁ ହ୍ରାସ କରିବା ପାଇଁ ଭାରତ ଶ୍ରୀଲଙ୍କାକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବ।

ରାଷ୍ଟ୍ରପତି ରାଜପକ୍ଷେ ପ୍ରଧାନମନ୍ତ୍ରୀଙ୍କୁ ଆର୍ଥିକ କାର୍ଯ୍ୟବିଧିଗୁଡ଼ିକୁ ପୁଣି ଆରମ୍ଭ କରିବା ପାଇଁ ତାଙ୍କର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ନେତା ଶ୍ରୀଲଙ୍କାରେ ଭାରତୀୟ ସହାୟତା ପ୍ରାପ୍ତ ବିକାଶ ପରିଯୋଜନାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ସହମତ ହୋଇଥିଲେ। ସେମାନେ ଭାରତୀୟ ବେସରକାରୀ କ୍ଷେତ୍ର ଦ୍ୱାରା ଶ୍ରୀଲଙ୍କାରେ ପୁଞ୍ଜି ବିନିଯୋଗ ଏବଂ ମୂଲ୍ୟ-ଯୋଗଦାନକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ଉପରେ ମଧ୍ୟ ଆଲୋଚନା କରିଥିଲେ।

ଶ୍ରୀଲଙ୍କାବାସୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ନିଜର ଶୁଭେଚ୍ଛା ଜଣାଇଛନ୍ତି।

**ନୂଆ ଦିଲ୍ଲୀ**
**ମଇ 23, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.